## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଜିଲା ସିପିଆଇ କାର୍ଯ୍ୟକାରିଣୀ ବୈଠକ। ସ୍ଥାନ-ପାର୍କ ସାହି। ସମୟ-ପୂର୍ବାହ୍ନ ୧୧ଟା।

## ଟ୍ରକ ଧକ୍କାରେ ୩ କାଉଡ଼ିଆ ଗୁରୁତର

**ବ୍ରହ୍ମପୁର,୧୭।୭(ସୁବାସ ଚନ୍ଦ୍ର ପାଢ଼ୀ):** ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ୩ଜଣ କାଉଡ଼ିଆ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା କୁଠାରସିଂ ଗ୍ରାମର ଡ଼ି. କୃଷ୍ଣମୂର୍ତ୍ତି ରେଡ୍ଡୀ, ଏସ. ଦେବରାଜ ରେଡ୍ଡୀ ଓ ବି.କେଶବ ରେଡ୍ଡୀ। ଆହତମାନଙ୍କୁ ଏମ୍‌କେସିଜି ମେଡିକାଲକୁ ପଠାଯାଇଥିଲା। କୃଷ୍ଣମୂର୍ତ୍ତିଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରକଧରି ଚାଳକ ଚମ୍ପଟ ମାରିଛନ୍ତି। ବେପରୁଆ ଗାଡ଼ିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଟ୍ରାଫିକ ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। କୁଠାରସିଂର ୨୪ ଜଣ କାଉଡ଼ିଆ ରବିବାର ସନ୍ଧ୍ୟାରେ ରୁଷିକୁଲ୍ୟା ମୁହାଣରୁ ଜଳ କଳସ ଧରି ଗୋଳନ୍ଥରାରେ ଥିବା ଈଶାନେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଟ୍ରାଫିକ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ଆରଡିସି କାର୍ଯ୍ୟାଳୟ ଘେରିଲେ ଆଉଟସୋର୍ସିଂ କର୍ମଚାରୀ


ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

**ବ୍ରହ୍ମପୁର,୧୭।୭ (ସ୍ମୃତି ରଞ୍ଜନ ମହାଳିକ)**

ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଦକ୍ଷିଣାଞ୍ଚଳ ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଆର୍‌ଡିସିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦକ୍ଷିଣାଞ୍ଚଳର ୮ଟି ଜିଲାର ବିଭନ୍ନ ବିଭାଗର ଶତାଧିକ ଆଉଟସୋର୍ସିଂ କର୍ମଚାରୀ ବିଶାଳ ରାଲିରେ ଯାଇ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାସଂଘର ରାଜ୍ୟ କର୍ମଚାରୀ ନେତା ପ୍ରତାପ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ଦାବି ନେଇ ପୂର୍ବରୁ ବହୁ ଥର ଆନ୍ଦୋଳନ ହୋଇଥିଲେ ମଧ୍ୟ ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇ କର୍ମଚାରୀଙ୍କୁ ଭୂଆଁ ବୁଲାଉଛନ୍ତି। ରାଜ୍ୟରୁ ଠିକା ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦ ନେଇ ସରକାର ଘୋଷଣା କରିଥିବା ବେଳେ ଅସ୍ଥାୟୀ ଠିକା ପ୍ରଥା ଅଧୀନରେ ଥିବା କର୍ମଚାରୀଙ୍କ କଥା ଭୁଲି ଯାଇଛନ୍ତି। ବର୍ତ୍ତମାନ ସ୍ୱଳ୍ପ ଦରମାରେ କର୍ମଚାରୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ରାଜ୍ୟରୁ ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ସହ ସ୍ଥାୟୀ ନିଯୁକ୍ତି, କାର୍ଯ୍ୟ କ୍ଷେତ୍ରରେ ଚାକିରିର ସୁରକ୍ଷା, ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି, ବଜାର ଦର ଅନୁସାରେ ଦରମା ସହ ସମସ୍ତ ସୁବିଧା ସୁଯୋଗ, ମହିଳା କର୍ମଚାରୀଙ୍କୁ ମାତୃତ୍ୱ କାଳୀନ ଛୁଟି, ଇପିଏଫ ଓ ଇଏସଆଇ ସଠିକ ପୈଠ, ବରିଷ୍ଠତା ଏବଂ ଦକ୍ଷତା ଭିତ୍ତିରେ ପଦୋନ୍ନତିର ବ୍ୟବସ୍ଥା ଦାବି କରାଯାଇଛି। ବିକ୍ଷୋଭରେ ସଂଘର ରାଜ୍ୟ ଆବାହକ ପ୍ରଭାତ ମହାନ୍ତି, ସ୍ତମ୍ଭକାର ଭାଲ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସଂପାଦକ ମାନସ ଦାସ, ଦୀପକ ପ୍ରଧାନ, ଦିବ୍ୟଲୋଚନ ସ୍ୱାଇଁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ମୋନାଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୋର୍ଟରେ ହାଜର ହେଲେ ପୋଲିସର ମୋଷ୍ଟ ୱାଣ୍ଟେଡ

**ବ୍ରହ୍ମପୁର,୧୭।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବା ଜଙ୍ଗଲ କିଙ୍ଗ୍ କୁନା ବେହେରା ଓରଫ ଜଡ଼ା ଖୋର୍ଦ୍ଧା ଜେଲରେ ଥିବାବେଳେ ସୋମବାର କଡା ସୁରକ୍ଷାରେ ତାଙ୍କୁ ବ୍ରହ୍ମପୁର ଆଣି ଜେଏମଏଫସି କୋର୍ଟରେ ହାଜର କରାଯାଇଛି। ଜେଏମଏଫସି (ଗ୍ରାମାଞ୍ଚଳ) କୁନାଙ୍କୁ ଗୋଳନ୍ଥରା ଥାନାରେ ଗତ ମାର୍ଚ୍ଚରେ ହୋଇଥିବା ଏକ ଦାଦାବଟି ମାମଲାରେ ଜଡିତ କରାଯାଇଥିବା କହିଛନ୍ତି। ପରେ ପୋଲିସ ଟିମ୍ କୁନାଙ୍କୁ ନେଇ ଖୋର୍ଦ୍ଧା ଜେଲରେ ଛାଡ଼ିଛି। ପୂର୍ବରୁ ଦାଦାବଟି ମାମଲା ୨୭୬/୨୩ ରେ ସମ୍ପୃକ୍ତ ଥିବା କୁନାଙ୍କ ସ୍ତ୍ରୀ ସୁନିତା ପ୍ରଧାନ ଗତ ୨୭ ତାରିଖରେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପ୍ରକାଶ ଯେ, ଗତ ମେ ୨ ତାରିଖରେ ଏକ ପୁରୁଣା ଡକାୟତି ମାମଲାରେ କୁନା ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତେଣୁ ଗୋଳନ୍ଥରା ଥାନା ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପୁରୁଣା ମାମଲାରେ ଜଡ଼ିତ କରିବା ପାଇଁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମାଞ୍ଚଳ)ରେ ଆବେଦନ କରିଥିଲା। କୋର୍ଟ କୁନାଙ୍କୁ ରିମାଣ୍ଡରେ ଆଣିବାକୁ ଅନୁମତି ପ୍ରଦାନ କରିଥିଲେ। ଗୋଳନ୍ଥରା ଥାନାରେ କୁନା ବିରୋଧରେ ୨୬ଟି ମାମଲା ରହିଛି। ଦୀର୍ଘ ୪ବର୍ଷ ହେଲା ସେ ବ୍ରହ୍ମପୁର ପୋଲିସକୁ ଚକ୍‌ମା ଦେଇ ଫେରାର ଥିଲେ। ଶେଷରେ ସେ ଡକାୟତି ମାମଲାରେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେହି କେସ୍ ବର୍ତ୍ତମାନ ଖୋର୍ଦ୍ଧା ସେସନ୍ସ କୋର୍ଟକୁ ସ୍ଥାନାନ୍ତର ହୋଇଥିବାରୁ କୁନାଙ୍କୁ ଖୋର୍ଦ୍ଧା ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

## ଜିଲା ବିଜେଡି କର୍ମକର୍ତ୍ତାଙ୍କ ସଂଖ୍ୟା ୯୫କୁ ବୃଦ୍ଧି

**ବ୍ରହ୍ମପୁର,୧୭।୭ (ନରସିଂହ ସାହୁ)**

### ହିଞ୍ଜିଳିରୁ ୨୨ଜଣଙ୍କୁ ନୂଆ ନିଯୁକ୍ତି

ଗଞ୍ଜାମ ଜିଲା ବିଜେଡି ସଂଗଠନରେ ୯୫ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ଜୁନ ୧ରେ ଶଙ୍ଖ ଭବନରୁ ପ୍ରକାଶିତ ବିଜ୍ଞପ୍ତିରେ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସଭାପତି ଏବଂ ୧୮ଜଣ ଉପସଭାପତି, ୨୩ ସାଧାରଣ ସମ୍ପାଦକ ଓ ୩୨ ସମ୍ପାଦକଙ୍କୁ କର୍ମକର୍ତ୍ତା କରାଯାଇଥିଲା। ଜୁଲାଇ ୧୫ରେ ପୁଣି ୨୨ ନୂଆ କର୍ମକର୍ତ୍ତାଙ୍କୁ ଯୋଡ଼ାଯାଇଛି। ସେମାନଙ୍କ ମଧ୍ୟରେ ୧୦ ଉପସଭାପତି, ୩ ସାଧାରଣ ସମ୍ପାଦକ ଓ ୯ ସମ୍ପାଦକ ହୋଇଛନ୍ତି। ତେବେ ଏହି ୨୨ ଜଣ ଯାକ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିର ବୋଲି ଜିଲା ସଭାପତି ସୂଚନା ଦେଇଛନ୍ତି।

ଜିଲା ମହିଳା ବିଜେଡି ସଂଗଠନରେ ମଧ୍ୟ ହିଞ୍ଜିଳିକାଟୁର ୪ ନେତ୍ରୀଙ୍କୁ ନୂଆ କର୍ମକର୍ତ୍ତା କରାଯାଇଛି। ସାଧାରଣ ନିର୍ବାଚନ ନିକଟତର ହେଉଥିବାରୁ ଜିଲାରେ ତୃଣମୂଳସ୍ତରରୁ ସଂଗଠନକୁ ଅଧିକ ମଜଭୁତ କରିବାକୁ ବିଜେଡି ପଦକ୍ଷେପ ନେଇଥିବା ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ହିଞ୍ଜିଳିର ପୁରୁଖା ନେତା ଶିବରାମ ଗୌଡ଼ଙ୍କୁ ରାଜ୍ୟ ବିଜେଡିର ସମ୍ପାଦକ କରାଯାଇଥିବା ଗତ ଶନିବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। କେବଳ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ଏକକାଳୀନ ୨୭ ଜଣଙ୍କୁ ନୂଆ କର୍ମକର୍ତ୍ତା ଭାବେ ଦିଆଯାଇଥିବା ନିଯୁକ୍ତି ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି।

ଅନ୍ୟପକ୍ଷରେ ନାମ ଗୋପନ ରଖି ଜଣେ ବିଜେଡି ନେତା କହିବାନୁସାରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଦୁଇଟି ଯାକ ବ୍ଲକ ଅଞ୍ଚଳରେ ବିଜେଡି କର୍ମୀଙ୍କ ମଧ୍ୟରେ ବିଭିନ୍ନ କାରଣରୁ ଅସନ୍ତୋଷ ଲାଗି ରହିଛି। ଭୟରେ କର୍ମୀମାନେ ମୁହଁ ଖୋଲୁନଥିଲେ ମଧ୍ୟ ବହୁ ବିଳମ୍ବରେ ଏହି ଖବର ଶଙ୍ଖ ଭବନକୁ ଯାଇଛି। ଅସନ୍ତୋଷ ଦୂର ପାଇଁ ଦଳର ଶୀର୍ଷ ସ୍ଥଳରୁ ହିଞ୍ଜିଳିକୁ ଗୁରୁତ୍ୱ ଦିଆଯାଇ ଅଧିକ ସଂଖ୍ୟକ କର୍ମକର୍ତ୍ତା କରାଯାଇଛି। ନେତା ଜଣକ ଆହୁରି କହିଛନ୍ତି , ୨୦୨୧ ସେପ୍ଟେମ୍ବର ୧୫ରେ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଭଞ୍ଜନଗରରେ ହୋଇଥିଲା। ଏହାର ୨୨ ମାସ ବିତିଛି ଏବଂ ପରବର୍ତ୍ତି କାର୍ଯ୍ୟକାରିଣୀ ବୈଠକ ହୋଇ ନ ଥିବା ବେଳେ କର୍ମକର୍ତ୍ତାଙ୍କ ସଂଖ୍ୟା ବଢ଼ାଯାଇଛି। ଜିଲା ବିଜେଡି ସଂଗଠନରେ ୯୫ କର୍ମକର୍ତ୍ତାଙ୍କ ସମେତ ୬୧ ଜଣିଆ କାର୍ଯ୍ୟକାରୀ କମିଟି ମଧ୍ୟ ଗଠନ କରାଯାଇଛି।

## ନିର୍ମାଣ କାର୍ଯ୍ୟରେ ଚଢ଼ାଉ କଲେ ନକଲି ଅଫିସର

**ବ୍ରହ୍ମପୁର,୧୭।୭ (ସୁବାସଚନ୍ଦ୍ର ପାଢ଼ୀ)**

### ଥାନାରେ ମାମଲା

ଜଣେ ଯୁବକ ନିଜକୁ ହ୍ୟୁମାନ୍ ରାଇଟସର ଚେୟାରମ୍ୟାନ୍ ବୋଲି ପରିଚୟ ଦେଇ ଟାଉନ ଥାନା ଅନ୍ତର୍ଗତ ପାନବିକା ସାହିରେ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଚଢ଼ାଉ କରିଛନ୍ତି। ଜିଲାପାଳ ଓ ଉପଜିଲାପାଳଙ୍କ ସହଯୋଗରେ ଚଢ଼ାଉ କରାଯାଉଥିବା ନକଲି ଅଫିସର ଜଣକ କହିଥିଲେ । ସେଠାରେ କାମ କରୁଥିବା ଶ୍ରମିକ ଓ ନିୟୋଜିତ ୨ଟି ଗାଡ଼ି ମଧ୍ୟ ଟାଉନ୍ ଥାନାକୁ ସେ ନେଇଯାଇଥିଲେ। ଘଟଣାକୁ ନେଇ ନିର୍ମାଣଧୀନ କୋଠାର ମାଲିକ ସ୍ୱପ୍ନା ବେହେରା ଟାଉନ୍ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ.୨୬୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପୋଲିସ ଯାଞ୍ଚ ବେଳେ ନକଲି ଅଫିସର ଜଣଙ୍କ ସେଠାରୁ ଚମ୍ପଟ ମାରିଥିବା ବେଳେ ତାଙ୍କର ଫୋନ ସୁଇଚଅଫ ରହିଥିଲା। ସେପଟେ ଘଟଣାକୁ ନେଇ ନିର୍ମାଣଧୀନ କୋଠାର ଅନ୍ୟତମ ମାଲିକ ସନ୍ତୋଷ କୁମାର ବେହେରା ପୂର୍ବରୁ ତାଙ୍କୁ ଦାଦାବଟି ମାଗି ଗିରଫ ହୋଇଥିବା ରାଜାରାମ ସାହୁ ଏଭଳି କରିଛନ୍ତି ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ରାଜାରାମ ନିଜକ ହ୍ୟୁମନ୍ ରାଇଟସ୍ କମିଶନ ଅଧ୍ୟକ୍ଷ ପରିଚୟ ଦେଇ ଗତ ୧୫ତାରିଖ ରାତିରେ ସନ୍ତୋଷଙ୍କ କାମ ବନ୍ଦ କରିଥିଲେ। କାମରେ ନିୟୋଜିତ ସବୁ ଗାଡ଼ି ଓ ଶ୍ରମିକଙ୍କୁ ଥାନାକୁ ନେଇଥିଲେ। ପୋଲିସ ତଦନ୍ତ କରିବା ପରେ ସତ ଜଣାପଡିଥିଲା। ସଂପୃକ୍ତ ଠକ ବ୍ୟକ୍ତିଙ୍କୁ ଗିରଫ କରିବାକୁ ସେ ନିବେଦନ କରିଛନ୍ତି।

## କୁଇନ ମିଶନ ହାଇସ୍କୁଲ ପରିସରରେ ଚାରାରୋପଣ




**ବ୍ରହ୍ମପୁର,୧୭।୭ (ତନୁଶ୍ରୀ ନାହାକ)**

ସରକାରୀ କୁଇନ ଅଫ ଦି ମିଶନସ ହାଇସ୍କୁଲରେ ସୋମବାର ବିଦ୍ୟାଳୟର ୧୯୭୭ ଆଲୁମିନି ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ଉପକରଣ ଯୋଗାଇ ଦିଆଯିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ନାୟକ ଅଧ୍ୟକ୍ଷତା କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ ପ୍ରଫେସର ସନ୍ତୋଷ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଆଲୁମିନି ସଦସ୍ୟ ଅସିତ କୁମାର ପାଢ଼ୀ, ଧର୍ମେନ୍ଦ୍ର କୁମାର ଦ୍ୱିବେଦୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖାତା କଲମ ଓ ଅନ୍ୟାନ୍ୟ ଉପକରଣ ବଣ୍ଟନ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ହରେକୃଷ୍ଣ ପଣ୍ଡା ବୈଠକ ସଂଯୋଜନା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଆଲୁମିନି ସଦସ୍ୟ ଲିଙ୍ଗରାଜ ସାହୁ, ଅସିତ କୁମାର ପାଢ଼ୀ, କୁମୁଦ ଚନ୍ଦ୍ର ପାତ୍ର, ସୁଜୟ ଦାସ, ଏସ ସିମାଦ୍ରୀ, ତ୍ରିନାଥ ତନ୍ତୀ, ଅନିଲ ପୁରୋହିତ, ବସନ୍ତ ଅଧିକାରୀ, ପ୍ରାକ୍ତନ ଶିକ୍ଷୟିତ୍ରୀ ଜମ୍ବୁବତୀ ଗୌଡ଼, ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଉପଯୁକ୍ତ ଲକ୍ଷ୍ୟ ନିର୍ଦ୍ଧାରଣ କରି ସାଧନା ପାଇଁ ଉଦ୍ୟମ କଲେ ସଫଳତା ଅବଶ୍ୟ ମିଳେ ବୋଲି ଶିକ୍ଷକ ଡ଼ ଅନୁଜ କୁମାର ନାୟକ ଓ ସମୀର ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

## ଗୋପାଳପୁର ବନ୍ଦର ପକ୍ଷରୁ ପଣ୍ୟ ଲୋଡିଂରେ ସର୍ବକାଳୀନ ରେକର୍ଡ

**ଛତ୍ରପୁର,୧୭।୭ (ସନ୍ତୋଷ ପାଢ଼ୀ)**

### ୪୦ ଘଣ୍ଟାରେ ୮୬,୭୦୦ ମେଟ୍ରିକ ଟନ ଲୁହାପଥର ଲୋଡିଂ




ରାଜ୍ୟର ଗଭୀରତମ ସବୁଦିନିଆ ଓ ୨୪ଘଣ୍ଟା ପରିଚାଳିତ ହେଉଥିବା ଗୋପାଳପୁର ବନ୍ଦର ଶୁଭାରମ୍ଭ ପରଠାରୁ ମାନୁଆଲ ମାଧ୍ୟମରେ ଦ୍ରୁତତମ ଲୁହାଥର ଲମ୍ପସ୍ ଲୋଡିଂ ହାସଲ କରିଛି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଦ୍ୱାରା ମନୋନୀତ ଜାହାଜ ଏମଭି ରିଚେ ସ୍ପ୍ରିଙ୍ଗ ୨୪ ଘଣ୍ଟାରେ ୫୯,୧୫୦ ମେଟ୍ରିକ୍ ଟନ ଲୁହାପଥର ଲମ୍ପସ୍ ଲୋଡିଂ କରି ଗୋପାଳପୁର ବନ୍ଦର ଇତିହାସ ସୃଷ୍ଟି କରିଛି । ୨୦୨୩ ଜୁଲାଇ ୧୫ରେ ଘଣ୍ଟା ପିଛା ହାରାହାରି ୨,୧୬୭ ଏମଟି ଲୋଡିଂ ସହ ଜାହାଜରେ ୮୬,୭୦୦ ଏମଟି ଲୁହାପଥର ଲୋଡିଂ କରିବା ରେକର୍ଡ ବନ୍ଦର ହାସଲ କରିଛି । ଏହି ରେକର୍ଡ ପାଇଁ ଜାହାଜର ମାଷ୍ଟରଙ୍କ ତରଫରୁ ଗୋପାଳପୁର ବନ୍ଦରକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସଫଳତା ସମ୍ପର୍କରେ ଏସ୍‌ପି ପୋର୍ଟ ମେଣ୍ଟେନାନ୍ସର ପରିଚାଳନା ନିର୍ଦ୍ଦେଶକ ଅମିତ ସାବୁ କହିଛନ୍ତି, ଟିମର ସଫଳତାକୁ ନେଇ ଆମେ ଗର୍ବିତ। ଏହି ରେକର୍ଡ ଗୋପାଳପୁର ବନ୍ଦରର ପଣ୍ୟ ପରିଚାଳନା ଦକ୍ଷତା ଓ ବିପୁଳ ପରିମାଣର ପଣ୍ୟ ପରିଚାଳନା କ୍ଷମତାର ପ୍ରତିଫଳନ ଅଟେ। ଗୋପାଳପୁର ବନ୍ଦର ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି ଜନାର୍ଦ୍ଦନ ରାଓ ଗୋପାଳପୁର ବନ୍ଦର ଏହାର ଗ୍ରାହକଙ୍କୁ ସର୍ବଦା ପ୍ରାଧାନ୍ୟ ଦେଇଆସୁଛି ଏବଂ ଜାହାଜକୁ ବର୍ଥକୁ ଆଣିବା ପୂର୍ବରୁ ପୂର୍ଣ୍ଣ ଯୋଜନା ସହ ତାହାର ଉପଯୁକ୍ତ ଫିଡିଂ ଏବଂ ସୁରକ୍ଷାର ସହ ଜାହାଜର ଲୋଡିଂକୁ ସୁନିଶ୍ଚିତ କରାଯାଉଛି ବୋଲି କହିଛନ୍ତି। ରାଜ୍ୟର ଶ୍ରେଷ୍ଠ ରେଳ ଓ ସଡକ ସଂଯୋଗ କରୁଥିବା ଗୋପାଳପୁର ବନ୍ଦର ମାଲ ପରିବହନରେ ନିରନ୍ତର ନୂଆ ରେକର୍ଡ ସୃଷ୍ଟି କରୁଛି। ନିକଟରେ ବନ୍ଦର ପକ୍ଷରୁ ଏମ୍‌ଭି ନିୟୁ ପ୍ରେଷ୍ଟିଜରେ ୨୪ ଘଣ୍ଟାରେ ୩୨,୦୦୦ ମେଟ୍ରିକ ଟନ କୋଇଲା ଡିସ୍‌ଚାର୍ଜ କରାଯାଇଥିଲା । ଗୋପାଳପୁର ବନ୍ଦରରେ ଦିନକୁ ୨୦ରୁ ଅଧିକ ର୍ୟାକ୍ ପରିଚାଳନା କରିବାର କ୍ଷମତା ରହିଛି । ନୌବାଣିଜ୍ୟରେ ଏହି ରେକର୍ଡ ଭଙ୍ଗକାରୀ ପ୍ରଦର୍ଶନ ଏହାକୁ ଏକ ଭରସାଯୋଗ୍ୟ ଓ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପଥରେ ପରିଣତ କରିଛି । ଗୋପାଳପୁର ବନ୍ଦର ପୂର୍ବ ଭାରତର ପରବର୍ତ୍ତୀ ସୁପର ବନ୍ଦରେ ପରିଣତ ହେବାକୁ ପ୍ରସ୍ତୁତ ବୋଲି ରାଓ କହିଛନ୍ତି । ୨୦୧୭ ପରଠାରୁ ସାପୁରଜୀ ପାଲୋଞ୍ଜି ଗ୍ରୁପ ଅଧୀନରେ ପରିଚାଳିତ ହେବା ପରେ ଗୋପାଳପୁର ବନ୍ଦର ୧୪.୫ ମିଟର ପର୍ଯ୍ୟନ୍ତ ଗଭୀରତା ସହ ବୃହତ ଜାହାଜ ପରିଚାଳନା କରିବାର ଆବଶ୍ୟକ ଭିତ୍ତିଭୂମି ରହିଛି । ବନ୍ଦରରେ ୨.୫ ଏମଟି ପଣ୍ୟ ସଂରକ୍ଷିତ ରଖିବା ଲାଗି ଖୋଲା ଓ ବନ୍ଦ ସଂରକ୍ଷଣ ବ୍ୟବସ୍ଥା ରହିଛି, ଯାହା ବିଭିନ୍ନ ପ୍ରକାର ପଣ୍ୟ ଓ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି । ଗୋପାଳପୁର ବନ୍ଦରରେ ୮ଟି କାର୍ଯ୍ୟକ୍ଷମ ଥିବା ରେଳ ୟାର୍ଡ ସାଇଡିଂ ରହିଛି, ଯାହା ବିବିଧ ପଣ୍ୟକୁ ନିରବଚ୍ଛିନ୍ନ ଭାବେ ପରିଚାଳନା କରିପାରୁଛି। ଗୋପାଳପୁର ବନ୍ଦର ଗୁରୁତ୍ୱପୂର୍ଣ୍ଣ ପାରାଦୀପ ଓ ବିଶାଖାପାଟଣା ବନ୍ଦର ମଝିରେ ରହିଛି, ଯାହା ଏହାକୁ ଆମଦାନି ଏବଂ ଭାରତର ପୂର୍ବ ଉପକୂଳ ପରିବହନ ପାଇଁ ଶ୍ରେଷ୍ଠ ସ୍ଥାନ ଭାବେ ଉପସ୍ଥାପିତ କରିଛି ।

## ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର,୧୭।୭ (ସ୍ମୃତି ରଞ୍ଜନ ମହାଳିକ)**

୧ମ ଓଡିଶା ନାଭାଲ ୟୁନିଟ ଏନ୍‌ସିସି ପକ୍ଷରୁ ଅଙ୍କୁଶପୁରଠାରେ ୧୦ଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ ପ୍ରଶିକ୍ଷଣ ଶିବିର ସୋମବାର ଉଦଯାପିତ ହୋଇଯାଇଛି। ଶିବିରରେ ପ୍ରାୟ ୪୦୦ ଏନସିସି କ୍ୟାଡେଟ ଯୋଗ ଦେଇଥିଲେ। କମାଣ୍ଡିଂ ଅଫିସର କମାଣ୍ଡର ଡି.ଜେ. ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ପିଆଇ ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର ଏଏନଓଙ୍କ ଦ୍ୱାରା ଭାରତୀୟ ନୌସେନା ଏବଂ ଏନସିସି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ କୌଶଳ, କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ଓ ପ୍ରାଥମିକ ଚିକିତ୍ସା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନସିସି କ୍ୟାଡେଟଙ୍କୁ ଆଙ୍କୁଶପୁରସ୍ଥିତ ଡାଏରୀ ଫାର୍ମକୁ ପରିଦର୍ଶନରେ ନିଆଯାଇଥିଲା। ସେହିପରି କ୍ୟାଡେଟଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଚିଲିକା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ପାରଳାଖେମୁଣ୍ଡି ବାଳକ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରେଷ୍ଠ କ୍ୟାଡେଟ ବିଭାଗରେ ଚିଲିକା କେନ୍ଦ୍ରୀୟ ବିଦ୍ୟାଳୟର କ୍ୟାଡେଟ ସରତାଜ, ଦାମନଯୋଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶ୍ରୀଚରଣ ରାଉତରାୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଗୁଳି ଚାଳନାରେ ପୁରୀ ଜିଲା ସ୍କୁଲ ପ୍ରଥମ ଓ ଚିଲିକା କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ ହୋଇଥିଲା। ଡ୍ରିଲରେ ଦାମନଯୋଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଥମ ଓ କନିଷି ବାଲାଜୀ ବିଦ୍ୟାପୀଠ ଦ୍ୱିତୀୟ ହୋଇଛି। ଟଗ ଅଫ ୱାରରେ ବ୍ରହ୍ମପୁର ଡିଏଭି ପବ୍ଲିକ ସ୍କୁଲ ପ୍ରଥମ ଓ ଆସିକା ହରିହର ସ୍କୁଲ ଦ୍ୱିତୀୟ ହୋଇଛନ୍ତି। ରିଲେ ରେସରେ ଦାମନ ଯୋଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଥମ ଓ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ହୋଇଛି।


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କ୍ୟାଡେଟ।

## ରାଜୀବ ଆବାସ ମରାମତି ପାଇଁ ଦାବିପତ୍ର

**ବ୍ରହ୍ମପୁର,୧୭।୭(ସ୍ମୃତି ରଞ୍ଜନ ମହାଳିକ)**


ପୂର୍ଣ୍ଣବାସୀ କଲୋନୀ ବାସିନ୍ଦା ଦାବିପତ୍ର ଦେବାକୁ ଆସିଛନ୍ତି।

ସହରର ବସ୍ତିବାସିନ୍ଦାଙ୍କୁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ରାଜୀବ ଆବାସ ଯୋଜନାରେ ନିର୍ମିତ ଗୃହରେ ଥଇଥାନ କରାଯାଇଛି। ଏହି ଗୃହଗୁଡିକରେ ପାନୀୟଜଳ, ଆଲୋକୀକରଣ ଓ ଡ୍ରେନେଜ ବ୍ୟବସ୍ଥା ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ନିଗମ ପକ୍ଷରୁ ୨୦୨୨-୨୩ ବର୍ଷରେ ୧୬୦ଟି ରାଜୀବ ଆବାସ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଏହି ଗୃହଗୁଡିକରେ ନାନା ସମସ୍ୟା ବର୍ତ୍ତମାନ ଦେଖାଦେଇଛି। ୨୦ନଂ. ୱାର୍ଡ ଅନ୍ତର୍ଗତ ପୂର୍ଣ୍ଣବାସୀ କଲୋନୀ ଆପାର୍ଟମେଣ୍ଟରେ ବହୁବିଧ ସମସ୍ୟା କାରଣରୁ ସେଠାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ପୂର୍ଣ୍ଣବାସୀ କଲୋନୀ ବାସିନ୍ଦା ଆମ ଆଦମୀ ପାର୍ଟି ନେତୃତ୍ୱରେ ବିଏମସି କମିଶନର ଜେ. ସୋନାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ବର୍ଷା ହେଲେ ଆପାର୍ଟମେଣ୍ଟର ପ୍ରତ୍ୟେକ ଘରର ଛାତରୁ ପାଣି ଗଳୁଥିବାରୁ ଆସବାବପତ୍ର ମଧ୍ୟ ନଷ୍ଟ ହେଉଛି। ତେଣୁ ଏହାର ତୁରନ୍ତ ମରାମତି କରାଯିବା ପାଇଁ ଦାବି ହୋଇଛି। ଏଥିସହ ଉକ୍ତ ଅଞ୍ଚଳରେ କୋଠ ଘର ଓ ଅଙ୍ଗନୱାଡି ପାଇଁ ନିଗମ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ହୋଇପାରୁନି। ଆପାର୍ଟମେଣ୍ଟରେ ଜଳ ନିଷ୍କାସନ ପାଇଁ କରାଯାଇଥିବା ବ୍ୟବସ୍ଥା ଠିକ ଭାବେ କରାଯାଇନାହିଁ। ମଶା ପାଦୁର୍ଭାବ ବୃଦ୍ଧି ପାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଆପାର୍ଟମେଣ୍ଟ ସମ୍ମୁଖରେ ରହିଥିବା ଖାଲି ସ୍ଥାନରେ ଶିଶୁ ଉଦ୍ୟାନ କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଆମ ଆଦମୀ ପାର୍ଟିର ଦିନେଶ ରାଜଙ୍କ ସମେତ ବହୁ ଆପାର୍ଟମେଣ୍ଟ ବାସିନ୍ଦା ଉପସ୍ଥିତ ଥିଲେ।

